ODM EDUCATIONAL GROUP
Changing your Tomorrow

# ପାଠ – ୧ କବିତା - ତ୍ରିଶକ୍ତି

## ଶ୍ରେଣୀ – ଅଷ୍ଟମ
## ପ୍ରଥମ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

ଜ୍ଞାନ, ସତ୍ୟ ଓ ଧର୍ମ ଉପରେ ସମ୍ୟକ ଧାରଣା

**Specific Objectives -** ବିଶେଷ ଆଭିମୁଖ୍ୟ :

ଓଡ଼ିଆ ସାହିତ୍ୟ ସଂପର୍କିତ ଜ୍ଞାନ, ଭାଷାଜ୍ଞାନ ଅଭିବୃଦ୍ଧି, ନିର୍ଭୁଲ ଲିଖନ ଏବଂ ପଠନ ଦକ୍ଷତାର ବିକାଶ ଏବଂ ନୂତନ ଶବ୍ଦାବଳୀ ସଂପର୍କିତ ଜ୍ଞାନ, ପ୍ରାରମ୍ଭିକ ସୂଚନା ଏବଂ କୁଇଜ ମାଧ୍ୟମରେ କବିତା ଉପସ୍ଥାପନା । କୁଇଜ୍ ମାଧ୍ୟମରେ ବିଷୟବସ୍ତୁ ପ୍ରବେଶ ।

ODM EDUCATIONAL GROUP
*Changing your Tomorrow*

୧

# ତ୍ରିଶକ୍ତି



## ଜ୍ଞାନ



ଜ୍ଞାନକୁ କରି ଆହରଣ
ସତ୍‌ପାତ୍ରେ କର ବିତରଣ ।
ଜ୍ଞାନର ଚାରୋଟି ସୋପାନ
ଜ୍ଞାନ, ବୈରାଗ୍ୟ, ବିବେକ, ବିଜ୍ଞାନ ।
ଜ୍ଞାନପିପାସୁ ନର ଗଣ
ସତ୍ୟ କରନ୍ତି ଉଦ୍‌ଘାଟନ ।
ପଶୁତ୍ୱରୁ ଯାଏ ମାନବତ୍ୱକୁ
ସେଥୁଁ ଯାଏ ନର ଦେବତ୍ୱକୁ ।
ଜ୍ଞାନୀ ସଂସାରେ ବଳୀୟାନ
ଧରାରେ ରଖ ଯଶ, ମାନ ।



## ସତ୍ୟ



ମୁଦ୍ରାର ସତେ ଦୁଇପାଖ
ସତ୍ୟ, ଅସତ୍ୟ ଜାଣିରଖ ।
ସତ୍ୟ ଦିଅଇ ମହାଜ୍ଞାନ



ODM
EDUCATIONAL GROUP
Changing your Tomorrow



ଅସତ୍ୟ କରେ ଜ୍ଞାନଶୂନ୍ୟ ।
ସତ୍ୟରେ ଥାଏ ଯେଉଁ ଜନ
ସେ ପାଏ ଦିବ୍ୟର ସନ୍ଧାନ ।
ହୃଦୟଙ୍ଗମ କର ସତ୍ୟ,
ସେହି ତ ସଂସାରରେ ନିତ୍ୟ,
ସତ୍ୟକୁ କରି ଆପଣାର
ପାରି ହୋଇବ ଏ ସଂସାର ।



## ଧର୍ମ



ସ ଧର୍ମ ସବୁଠାରୁ ସାର
ଧର୍ମରେ ଚଳ ନାରୀ, ନର ।
ଧର୍ମ, ଅଧର୍ମ ଯେ ବିଚାରେ
ମହତ ହୁଏ ସେ ସଂସାରେ
ବୈକୁଣ୍ଠ ପ୍ରାପ୍ତି ହୁଏ ତା'ର
ସୁଜନେ ଧର୍ମକୁ ଆଚର ।
ମହୀ ମଣ୍ଡଳେ ଧର୍ମସାର
ଅନିତ୍ୟ ଏ ଭବ ସଂସାର ।
ଧର୍ମ, ଜୀବନ ସହଚର
ଧର୍ମକୁ କର ଆଗୁସାର ।



## ସତ୍ୟ

୧. ସତ୍ୟ କ'ଣ ଦେଇ ଥାଏ ?

୨. କିଏ ଜ୍ଞାନ ଶୂନ୍ୟ କରିଥାଏ ?

୩. କିଏ ଦିବ୍ୟର ସନ୍ଧାନ ପାଇଥାଏ ?

୪. ସଂସାରରେ କ'ଣ ନିତ୍ୟ ଅଟେ ?

୫. କ'ଣ କଲେ ଏହି ସଂସାର ପାରି ହୋଇ ପାରିବ ?

ODM EDUCATIONAL GROUP
Changing your Tomorrow

## ଧର୍ମ

୧. କେଉଁଥିରେ ଚନନ କରିବାକୁ ନର, ନାରୀ ମାନଙ୍କୁ ଉପଦେଶ ଦିଆଯାଇଛି ?

୨. କିଏ ସଂସାରରେ ମହତ ହୁଏ ?

୩. ମହୀମଣ୍ଡଳରେ ସାର କ'ଣ ?

୪. ଜୀବନର ସହଚର କିଏ ?

୫. କାହାର ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ?

ODM EDUCATIONAL GROUP
Changing your Tomorrow

**ଗୃହକର୍ମ :**

କବିତାଟିକୁ ମୁଖସ୍ଥ କର ।

ODM
EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow